## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୩ା୯:** ପାରିବାରିକ ଅଶାନ୍ତିରୁ ସୋମବାର ବେକରେ ଶାଢ଼ୀ ଲଗାଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବିଜିପୁର ବଡ଼ସାହିରେ ରହୁଥିବା ଶିଲ୍ପା ସେଠୀ। ଟାଉନ ଥାନା ପୋଲିସ ମୃତଦେହକୁ ଜବତ କରି ନଂ.୨୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ,୮ ବର୍ଷ ତଳେ ଶିଳ୍ପାଙ୍କ ବିବାହ ହୋଇଥିଲା। କିଛିଦିନ ଭଲରେ ଚଳିବା ପରେ ବିଭିନ୍ନ କାରଣକୁ ନେଇ ସ୍ୱାମୀଙ୍କ ସହ ତାଙ୍କର ଝଗଡା ହେଉଥିଲା। ଶେଷରେ ଶିଳ୍ପା ବଡ଼ସାହିସ୍ଥିତ ତାଙ୍କ ବାପ ଘରକୁ ଚାଲି ଆସିଥିଲେ। ପାରିବାରିକ ଅଶାନ୍ତିରୁ ମାନସିକ ଚାପରେ ରହୁଥିଲେ। ସୋମବାର ଅପରାହ୍ନରେ ଘରେ କେହି ନ ଥିବା ବେଳେ ସେ ବେକରେ ଶାଢ଼ୀ ଲଗାଇ ଆତ୍ମହତ୍ୟା କରିଥିଲେ। ଅପରାହ୍ନ ପ୍ରାୟ ସାଢେ ୩ଟାରେ ପରିବାର ଲୋକେ ଘରକୁ ଆସି ଏହା ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ।

### ଗଞ୍ଜେଇ ଜବତ, ୪ ଗିରଫ

**ବ୍ରହ୍ମପୁର ଅଫିସ,୨୩ା୯:** କୋଦଳାରୁ ବ୍ରହ୍ମପୁର ରେଲଷ୍ଟେଶନ ଦେଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାମକୁ ଚାଲାଣ ହେଉଥିବା ୨୦ କେଜି ଗଞ୍ଜେଇକୁ ରେଳବାଇ ପୋଲିସ ଜବତ କରିଛି। ଏଥିସହ ବ୍ରହ୍ମପୁର ରେଲଷ୍ଟେଶନରୁ ୪ ଯୁବକଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଏକ ବ୍ୟାଗରୁ ଉକ୍ତ ଗଞ୍ଜେଇ ଜବତ ହୋଇଥିବା ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କୋଦଳା ଥାନା ଅନ୍ତର୍ଗତ ଫାସୀ ଗ୍ରାମର ବସନ୍ତ ସ୍ୱାଇଁ, ମିଥୁନ ମହାରଣା, ନୀଳାଞ୍ଚଳ ଦଳାଇ ଓ ରଞ୍ଜନ ପଳାଇ। ମାମଲା ନଂ. ୭୯/୧୯ରେ ସେମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ରବିବାର ରାତିରେ ପ୍ଲାଟଫର୍ମ-୨ରେ ୪ ଅଭିଯୁକ୍ତ ସନ୍ଦେହଜନକ ଭାବେ ବୁଲୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇ ବ୍ୟାଗ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା।

### ମନ୍ଦିର ପରିସରରୁ ଚନ୍ଦନ ଗଛ ଚୋରି



**ପାତ୍ରପୁର, ୨୩ା୯ (ଡି.ଏନ୍.ଏ.):** ଜରଡା ଥାନା ପାତ୍ରପୁର ବ୍ଲକ ସୁରଙ୍ଗି ଗ୍ରାମରେ ଥିବା ଈଶ୍ୱର ମନ୍ଦିର ପରିସରରୁ ଶନିବାର ରାତିରେ ଚନ୍ଦନ ଗଛ ଚୋରି ହୋଇଛି। ବିଳମ୍ବିତ ରାତିରେ ଦୁର୍ବୃତ୍ତ ଚନ୍ଦ୍ର କଳ୍ପେଶ୍ୱର ମନ୍ଦିର ପରିସରରେ ଥିବା ଚନ୍ଦନ ଗଛଟିକୁ କାଟି ନେଇଯାଇଛନ୍ତି। ଗ୍ରାମ ମଧରେ ତଥା ରାସ୍ତା ପାଶ୍ୱରେ ମନ୍ଦିର ରହିଥିଲେ ମଧ କେହି କିପରି ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚି ସୃଷ୍ଟି କରିଛି। ମେଶିନ ସାହାଯ୍ୟରେ ଗଛ କଟାଯାଇ ଗଣ୍ଡିକୁ ଚୋରି କରାଯାଇଛି । ଏନେଇ ଫରେଷ୍ଟର ଅବିନାଶ ଚୌଧୁରୀଙ୍କୁ ପଚାରିବାରୁ ଏଭଳି ଘଟଣା ଆମ ସାମ୍ନାକୁ ଆସିନି ବୋଲି କହିଥିଲେ। ଏନେଇ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

■ ଉପକୃତ ହେବେ ବ୍ରହ୍ମପୁର ସହରବାସୀ

# ଖଲ୍ଲିକୋଟ କଲେଜରେ ଆରଟିଓ କ୍ୟାମ୍ପ ଅଫିସ୍

■ପ୍ରଥମ ଦିନ କେବଳ ଛାତ୍ରୀଛାତ୍ର

■ଅନ୍ୟ ୨ଦିନ ଜନସାଧାରଣ

**ବ୍ରହ୍ମପୁର ଅଫିସ୍,୨୩ା୯**

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ସୋମବାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)ର ଏକ କ୍ୟାମ୍ପ ଅଫିସ୍ ଖୋଲିଛି । ବୁଧବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କ୍ୟାମ୍ପ ଅଫିସ୍‌କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଥିଲେ। ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବିଶ୍ୱାଳ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଉତ୍ତମା ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିନ କେବଳ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଲର୍ନିଂ ଲାଇସେନ୍ସ ପ୍ରଦାନ କରାଯାଇଥିଲା । ଏଥିସହ ଛାତ୍ରୀଛାତ୍ରମାନେ ସେମାନଙ୍କ ଦୁଇଚକିଆ ଯାନର ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ୍ ମଧ୍ୟ ସଂଗ୍ରହ କରିଥିଲେ। ଏଥିପାଇଁ ୩ଟି ମେଶିନ୍ ରଖାଯାଇଛି। ଅଫିସ୍‌ରେ ଯାନବାହନର ବୀମା ପଞ୍ଜୀକରଣ ଏବଂ ନବୀକରଣ ବ୍ୟବସ୍ଥା ମଧ୍ୟ ରହିଛି । ସେହିପରି କେତେକ ଦୁଇ ଚକିଆ ଯାନ ପ୍ରସ୍ତୁତକାରୀ କମ୍ପାନୀ ତରଫରୁ ହେଲମେଟ୍ ମଧ୍ୟ ବିକ୍ରି କରାଯାଇଥିଲା । ଛତ୍ରପୁରରେ ଆର୍‌ଟିଓ କାର୍ଯ୍ୟାଳୟ ରହୁଥିବା ଯୋଗୁ ଛାତ୍ରୀଛାତ୍ରମାନେ ଡିଏଲ୍, ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ୍ ସଂଗ୍ରହ କରିବାରେ ଅସୁବିଧାର ସମ୍ମୁଖିନ ହେଉଥିଲେ। ଏବେ ଏସବୁ ସୁବିଧା କଲେଜ କ୍ୟାମ୍ପସ୍‌ରେ ମିଳୁଥିବାରୁ ଖୁସି ପ୍ରକାଶ କରିଛନ୍ତି।

ଏହି ଅବସରରେ ଜିଲାପାଳ କୁଲାଙ୍ଗେ କହିଥିଲେ ଯେ, ନୂତନ ଟ୍ରାଫିକ ଆଇନ୍‌କୁ କଡ଼ାକଡ଼ି ଲାଗୁ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଯାଞ୍ଚ ମଧ୍ୟ ବ୍ୟାପକ ଭାବେ ଚାଲୁରହିଛି। ବ୍ରହ୍ମପୁରବାସୀଙ୍କ ସୁବିଧା ପାଇଁ ଖଲ୍ଲିକୋଟ କଲେଜ ପରିସରରେ କ୍ୟାମ୍ପ୍ ଅଫିସ୍ ଖୋଲାଯାଇଛି । ଗୋଟିଏ ଜାଗାରେ ଗାଡ଼ି ଚାଳକମାନେ ସମସ୍ତ ପ୍ରକାର ପ୍ରମାଣପତ୍ର ସଂଗ୍ରହ କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ବ୍ରହ୍ମପୁରରେ ଅତିରିକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଏଆର୍‌ଟିଓ) ଖୋଲିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନେବାର ସମ୍ଭାବନା ରହିଛି କି ବୋଲି ପ୍ରଶ୍ନ କରାଯାଇଥିଲା । ଉତ୍ତରରେ ଜିଲାପାଳ କହିଥିଲେ ଯେ, ଦାବି ସମ୍ପର୍କରେ ସେ ଅବଗତ ଅଛନ୍ତି। କର୍ମଚାରୀ ଅଭାବ କାରଣରୁ ବର୍ତ୍ତମାନ ପରିସ୍ଥିତିରେ ବ୍ରହ୍ମପୁରରେ ଏଆର୍‌ଟିଓ ଖୋଲିବା ସମ୍ଭବ ନୁହେଁ। ଭବିଷ୍ୟତରେ ଏ ସମ୍ପର୍କରେ ନିଶ୍ଚିତ ବିଚାର କରାଯିବ ବୋଲି ଜିଲାପାଳ କହିଥିଲେ । ଗଞ୍ଜାମ ଆର୍‌ଟିଓ ବିଶ୍ୱାଳ କହିଥିଲେ ଯେ, ପ୍ରଥମ ଦିନରେ କେବଳ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଅଫିସ୍ କାର୍ଯ୍ୟ କରିବ । ବଳକା ଦୁଇ ଦିନରେ ବ୍ରହ୍ମପୁର ଜନସାଧାରଣ ଏହି ଅଫିସ୍‌ରେ ଆବଶ୍ୟକତା ପ୍ରମାଣପତ୍ର ସଂଗ୍ରହ କରିପାରିବେ । ସକାଳ ୧୦ଟାରୁ ଅପରାହ୍ନ ଗୋଟାଏ ଯାଏଁ କାର୍ଯ୍ୟାଳୟ ଖୋଲିବ ବୋଲି ସେ କହିଛନ୍ତି। ଅତିରିକ୍ତ ଏମ୍‌ଭିଆଇ ଏ.କେ. ଜେନା, ଟ୍ରାଫିକ୍ ଇନ୍ସପେକ୍ଟର ନଳିନୀକାନ୍ତ କିନାରାଙ୍କ ସମେତ ଆର୍‌ଟିଓ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଛତ୍ରପୁର ଠାରେ ପରିବହନ କାର୍ଯ୍ୟାଳୟ ରହିଥିବା ଯୋଗୁ ବ୍ରହ୍ମପୁରରୁ ଲୋକେ ସେଠାକୁ ଯାଇ ପ୍ରମାଣପତ୍ର ସଂଗ୍ରହ କରିବା ପାଇଁ ହଇରାଣ ହେଉଥିଲେ। ଗଞ୍ଜାମ ଓକିଲ ସଂଘ ଏବଂ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ବ୍ରହ୍ମପୁରରେ ଏଆର୍‌ଟିଓ କାର୍ଯ୍ୟାଳୟ ଖୋଲିବା ପାଇଁ ଦାବି ହେଉଥିଲା । ପ୍ରଶାସନ ପକ୍ଷରୁ ଏଆର୍‌ଟିଓ ଖୋଲିବା ବଦଳରେ କ୍ୟାମ୍ପ ଅଫିସ୍ ଖୋଲାଯାଇଛି।


ଖଲ୍ଲିକୋଟ କଲେଜରେ ଖୋଲିଥିବା ଆର୍‌ଟିଓ କ୍ୟାମ୍ପ।

### ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ, ଜଣେ ଅଟକ

**ପୁରୁଷୋତ୍ତମପୁର, ୨୩ା୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ଜଣେ ୮ମଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ସୋମବାର ରାତିରେ ଅଭିଯୋଗ ହୋଇଛି। ଛାତ୍ରୀ ଜଣଙ୍କ ଏତଲା ଦେବାପରେ ନଂ.୨୧୮/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଛି। ସେ ହେଲେ ସିଙ୍ଗିପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା (୨୦)। ମଙ୍ଗଳବାର ଡାକ୍ତରୀମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କ କହିଛନ୍ତି। କୋଦଳା ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକା ପୁରୁଷୋତ୍ତମପୁର ଅଞ୍ଚଳରେ ଜଣେ ସମ୍ପର୍କିୟଙ୍କ ଘରେ ରହି ପାଠ ପଢୁଥିଲେ। ଗତ ୧୨ ତାରିଖରେ ଛାତ୍ରୀଙ୍କ ସମ୍ପର୍କୀୟମାନେ ବିଲକୁ କାମ କରିବାକୁ ଯାଇଥିବାବେଳେ ସେ ଘରେ ଏକାଥିଲେ। ଏହାର ସୁଯୋଗ ନେଇ ପୂର୍ଣ୍ଣଚନ୍ଦ୍ର ଘରେ ପଶି ଛୁରା ଦେଖାଇ ବଳକ୍ତାର କରିଥିବା ନାବାଳିକା ଛାତ୍ରୀଜଣକ ଏତଲାରେ ଦର୍ଶାଇଛନ୍ତି।


ଜନ ଜାଗରଣ ସଭାରେ ଉପସ୍ଥିତ ଭାଜପା କର୍ମୀ ଓ ଅନ୍ୟମାନେ ।

■ ଭାଜପାର ରାଷ୍ଟ୍ରୀୟ ଏକତା ଅଭିଯାନ

## କଶ୍ମୀର ପ୍ରସଙ୍ଗ ନେଇ କରାଗଲା ସଚେତନ

**ବରିଷ୍ଠ ନାଗରିକଙ୍କୁ ଭେଟିଲେ ବୈଜୟନ୍ତ**

**ବ୍ରହ୍ମପୁର ଅଫିସ,୨୩ା୯**

ଗଞ୍ଜାମ ଜିଲା ଭାଜପା ପକ୍ଷରୁ ରାଷ୍ଟ୍ରୀୟ ଅଭିଯାନ, ଏକ ରାଷ୍ଟ୍ର ଏକ ସମ୍ବିଧାନ ଓ ଜନଜାଗରଣ ସମାବେଶ ସୋମବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ ଡାଇମଣ୍ଡ ଜୁବୁଲି ଟାଉନ ହଲରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ତଥା ପାର୍ଟିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଧାରା ୩୭୦ ଓ ୩୫ (ଏ)କୁ କେନ୍ଦ୍ର ସରକାର କରିଥିବା ଉଚ୍ଛେଦ ଏକ ଐତିହାସିକ ଘଟଣା ବୋଲି ସେ ଦର୍ଶାଇଥିଲେ। ଏହାଫଳରେ ଦେଶର ସମସ୍ତ ରାଜ୍ୟ ଭଳି ଜମ୍ମୁକଶ୍ମୀର ବାସିନ୍ଦା ମଧ କେନ୍ଦ୍ର ସରକାରଙ୍କ ସବୁ ଯୋଜନାର ସୁଫଳ ପାଇବେ ଏବଂ ଅନ୍ୟ ରାଜ୍ୟର ଲୋକଙ୍କ ପାଇଁ ସେଠାରେ ଥିବା କଟକଣାର ଅବସାନ ଘଟିଥିବା ସୂଚାଇଥିଲେ । ଏ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଜାଗରଣ ଅଭିଯାନ ଆୟୋଜନ କରାଯାଇଥିବା ବୈଜୟନ୍ତ ସ୍ପଷ୍ଟ କରିଥିଲେ।

ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ସଭାରେ ଅଧକ୍ଷତା କରି ଏହି ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ବିଧାନସଭା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଭାଷଣ ପ୍ରସଙ୍ଗରେ ଏବେ ଜମ୍ମୁ-କାଶ୍ମୀରରେ ତ୍ରିରଙ୍ଗା ଉଡୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ପ୍ରତି ବିପୁଳ ଜନସମର୍ଥନ ମିଳୁଥିବା ସୂଚାଇଥିଲେ। ରାଜ୍ୟ ସମ୍ପାଦକ ବିଭୂତି ଜେନା, ବରିଷ୍ଠ ଆଇନଜୀବୀ ଡ଼. ସୁଧାଂଶୁ ପତି ଉଦବୋଧନ ଦେଇଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ବ୍ରହ୍ମପୁରର ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ମେଡିକାଲ ପ୍ରଫେସର ଡ଼ା. ପିସି ସାହୁଙ୍କ ବାସଭବନକୁ ବୈଜୟନ୍ତ ଯାଇ ଧାରା ୩୭୦ ଓ ୩୫ (ଏ)ର ଉଚ୍ଛେଦ କ'ଣ ପାଇଁ କରାଗଲା ସେନେଇ ପ୍ରାଞ୍ଜଳ ଭାବେ ଅବଗତ କରାଇଥିଲେ। ପ୍ରକାଶିତ ପୁସ୍ତିକା ପ୍ରଦାନ ସହ କେନ୍ଦ୍ରର ନିଷ୍ପତ୍ତିକୁ ସମର୍ଥନ ଲୋଡ଼ିଥିଲେ । ତାଙ୍କ ସହ ଜିଲା ସଭାପତି ଓ ଅନ୍ୟ କାର୍ଯ୍ୟକର୍ତ୍ତା ମଧ ଯାଇଥିଲେ । ଜାଗରଣ ସମାବେଶରେ ଗତ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଗଞ୍ଜାମ ଜିଲାର ବିଧାୟକ ପ୍ରାର୍ଥୀମାନେ ଉପସ୍ଥିତ ଥିଲେ ।

### ସଙ୍ଗତିର ପ୍ରଥମ ବାର୍ଷିକୋତ୍ସବ

**ବ୍ରହ୍ମପୁର ଅଫିସ,୨୩ା୯**

ସଙ୍ଗତି ସଙ୍ଗଠନର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗଞ୍ଜାମ କଳା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ମାଗଣା ହୋମିଓ ସ୍ୱାସ୍ଥ୍ୟ ଶିବିରକୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସଙ୍ଗଠନ ସଭାପତି ଗୋପାଳକୃଷ୍ଣ ଡାକୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ନାଟ୍ୟଶ୍ରୀ ଫାଉଣ୍ଡେଶନର ଆବାହକ ଭବାନୀ ଶଙ୍କର ମିଶ୍ର, ଜଗନ୍ନାଥ ସାବତ, ଜି. ଆଦିନାରାୟଣ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଶଲ୍ୟ ଚିକିତ୍ସକ ଡା. ରାଜେନ୍ଦ୍ର କୁମାର ସାହୁ, ଜଗନ୍ନାଥ ସଂସ୍କୃତି ଗବେଷକ ସାଗର କୁମାର ବେହେରା, ସାମାଜିକ କର୍ମୀ ବିଚିତ୍ର ପଟ୍ଟନାୟକ ମଞ୍ଚାସୀନ ଥିଲେ। ସମ୍ପାଦକ ବିଜୟ କୁମାର ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନଳିନୀକାନ୍ତ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ସଙ୍ଗଠନ ପକ୍ଷରୁ ବକ୍ତୃତା, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ରାଜେନ୍ଦ୍ର କୁମାର ସାହୁଙ୍କୁ 'ସେବା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ସରିତା ପଣ୍ଡାଙ୍କୁ 'ପ୍ରକୃତି ରାଣୀ', ସାଗର କୁମାର ବେହେରାଙ୍କୁ 'ଜ୍ଞାନ ଭାସ୍କର' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଙ୍ଗଠନ ଉପସଭାପତି ସମୀର ସାବତ ଧନ୍ୟବାଦ ଦେଇଥିଲେ ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି


ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

**ବ୍ରହ୍ମପୁର ଅଫିସ୍,୨୩ା୯**

ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ଏସ୍‌ପି ପିନାକ ମିଶ୍ର, ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଏବଂ ବ୍ରହ୍ମପୁର ମହାନଗର ନିଗମର କମିଶନର୍ ଚକ୍ରବର୍ତ୍ତୀ ସିଂ ରାଠୋର୍ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଶିବିରକୁ ମୋଟ ୭୧ ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୬ଟି ବ୍ୟକ୍ତିଗତ ଓ ୨ଟି ଗ୍ରାମ ଭିତ୍ତିକ ରହିଥିଲା । ୫୮ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଏହି ଅବସରରେ ୫ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୫୭ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା ।

## ପରିବା ଦୋକାନରେ ଅଗ୍ନିକାଣ୍ଡ

**୫୦ ହଜାର ଟଙ୍କାର ପରିବା ନଷ୍ଟ**

**ବ୍ରହ୍ମପୁର ଅଫିସ୍,୨୩ା୯**

ବଡ଼ବଜାର ପରିବା ମାର୍କେଟର ଏକ ଦୋକାନରେ ରବିବାର ରାତି ପ୍ରାୟ ସାଢ଼େ ୧୧ଟାରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ପ୍ରାୟ ୫୦ ହଜାର ଟଙ୍କାର ପରିବା ନଷ୍ଟ ହୋଇଥିବା ବେଳେ ଆସବାବପତ୍ର ଓ କେତେକ ଦରକାରୀ କାଗଜପତ୍ର ପୋଡି ଯାଇଥିବା ଦୋକାନ ମାଲିକ ସୁଦର୍ଶନ ପାଣିଗ୍ରାହୀ କହିଛନ୍ତି। ରାତିରେ ଦୋକାନରେ ନିଆଁ ଜଳୁଥିବା ଦେଖି ଅନ୍ୟ ପରିବା ବେପାରୀମାନେ ସୁଦର୍ଶନ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ସୂଚନା ଦେଇଛନ୍ତି।

## ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଦଯାତ୍ରା

**ବ୍ରହ୍ମପୁର ଅଫିସ,୨୩ା୯**

ସ୍ଥାନୀୟ ସଂସ୍କାରବାଦୀ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସଚେତନତା ପଦଯାତ୍ରା ହୋଇଯାଇଛି। ଅନୁଷ୍ଠାନର ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ବଡ ବଜାରସ୍ଥିତ ଖାସପା ସାହି ଜଗନ୍ନାଥ ମନ୍ଦିରରୁ ଏହି ପଦଯାତ୍ରା ବାହାରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଏହାପରେ ଗିରି ମାର୍କେଟଠାରେ ଏକ ସଚେତତନା ସଭା ହୋଇଥିଲା । ଗଞ୍ଜାମ ଜିଲା ଓକିଲ ସଂଘ ସଭାପତି ରବି ପାଣିଗ୍ରାହୀ, ଭାଜପା ଜିଲା ସଭାପତି କାହ୍ନୁ ଚରଣ ପତି, କଂଗ୍ରେସର ବରିଷ୍ଠ ସଦସ୍ୟ ବୃନ୍ଦାବନ ଖଟେଇ, ରବି ରଥ, ମୋହନ ସିଙ୍ଗାରୀ, ସୂର୍ଯ୍ୟନାରାୟଣ ଦାଶ, କିରଣ କୁମାର ମଣ୍ଡଳ, ଶିବ ପ୍ରସାଦ ମିଶ୍ର ପ୍ରମୁଖ ସାଧାରଣ ସଭାରେ ଯୋଗଦେଇ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଗଞ୍ଜାମ ଜିଲା ଓକିଲ ସଂଘ, ବ୍ରହ୍ମପୁର ହସ କ୍ଲବ, ବରିଷ୍ଠ ନାଗରିକ ବିଚାର ମଞ୍ଚ, ବରିଷ୍ଠ ନାଗରିକ ମଞ୍ଚ ପ୍ରମୁଖ ସଙ୍ଗଠନର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ । କୈଳାଶ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।



ସଚେତନତା ପଦଯାତ୍ରା ସହର ପରିକ୍ରମା କରୁଛି।

## ୨ ମହିଳାଙ୍କ ସମେତ ୬ କୋର୍ଟ ଚାଲାଣ

**ଶିଶୁ ଅପହରଣ କରି ବିକ୍ରି ଘଟଣା**

■ଉଦ୍ଧାର ଶିଶୁପୁତ୍ରଙ୍କୁ ପରିବାରକୁ ହସ୍ତାନ୍ତର

**ବ୍ରହ୍ମପୁର ଅଫିସ,୨୩ା୯**

ବ୍ରହ୍ମପୁର ସହରରେ ଶିଶୁ ଅପହରଣ ଓ ପରେ ବିକ୍ରି ଘଟଣାର ପର୍ଦ୍ଦାଫାଶ କରିଛି ଗୋଷାଣି ନୂଆଗାଁ ପୋଲିସ। ପୂରା ଘଟଣାକ୍ରମରେ ସମ୍ପୃକ୍ତ ଥିବା ୨ ମହିଳାଙ୍କ ସମେତ ୬ ଜଣଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ଲାଞ୍ଜିପଲ୍ଲୀ ଡିପ ସାହିର ଶିବ ନାୟକ (୨୭), ଗେଟବଜାର ପାୟଲ ସିନେମା ହଲ ନିକଟରେ ରହୁଥିବା ପ୍ରଫୁଲ ନାୟକ (୪୦), ତାଙ୍କ ସ୍ତ୍ରୀ ମମତା, ଗଜପତି ନଗରର ବାବୁଲା ରଣା ଓରଫ ସନ୍ତୋଷ (୩୫), ଆନ୍ଧ୍ର ବ୍ୟାଙ୍କର ଯାଜପୁର ଶାଖାରେ ପିଅନ ଥିବା ବୃନ୍ଦାବନ ରଣା (୫୨) ଓ ତାଙ୍କ ସ୍ତ୍ରୀ ବୈଜୟନ୍ତୀ। ଅନ୍ୟପକ୍ଷରେ ନିଖୋଜ ଥିବା ୨ ବର୍ଷର ଶିଶୁପୁତ୍ରଙ୍କୁ ପୋଲିସ ଉଦ୍ଧାର କରି ଚିକିତ୍ସା କରାଇବା ପରେ ତାଙ୍କ ମା'ଙ୍କୁ ହସ୍ତାନ୍ତର କରିଛି। ମାମଲା ନଂ.୯୪/୧୯ରେ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ପାଟପୁର ଥାନା ଅନ୍ତର୍ଗତ ନରସିଂହଗଡର ମୂଳନିବାସୀ ବୃନ୍ଦାବନ ନିଃସନ୍ତାନ ଥିଲେ। ପୋଷ୍ୟ ସନ୍ତାନଟିଏ ପାଇଁ ବ୍ରହ୍ମପୁର ଗଜପତିନଗରରେ ରହି ବ୍ୟବସାୟ କରୁଥିବା ଶାଳକ ସନ୍ତୋଷଙ୍କୁ ସେ କହିଥିଲେ। ବ୍ରହ୍ମପୁର ବଡ଼ ମେଡିକାଲରେ ସୁଇପର ଥିବା ପ୍ରଫୁଲ୍ଲଙ୍କ ସହ ସନ୍ତୋଷଙ୍କ ସମ୍ପର୍କ ଥିଲା। ତେଣୁ ଭିଣୋଇଙ୍କ ପାଇଁ ପିଲାଟିଏ ଯୋଗାଡ଼ କରିବାକୁ ସେ କିଛିଦିନ ତଳେ ପ୍ରଫୁଲ୍ଲଙ୍କୁ କହିଥିଲେ। ଅନ୍ୟପକ୍ଷରେ ୧୯ ତାରିଖ ବିଳମ୍ବିତ ରାତିରେ ଶିବଙ୍କ ସହ ମିଶି ପ୍ରଫୁଲ୍ଲ ଗୁଡସ୍‌ସେଡ଼ ତମ୍ବୁ ଭିତରେ ମା' ସହ ଶୋଇଥିବା ୨ ବର୍ଷୀୟ ଶିଶୁପୁତ୍ରକୁ ଅପହରଣ କରି ନେବାରେ ସକ୍ଷମ ହୋଇଥିଲେ। ପରଦିନ ସକାଳେ ପୁଅକୁ ନ ପାଇ ଗୋଷାଣୀ ନୂଆଗାଁ ଥାନାରେ ମା' ଅଭିଯୋଗ କରିଥିଲେ। ସେପଟେ ଶିବ ଓ ପ୍ରଫୁଲ୍ଲ ଅପହରଣ କରିଥିବା ଶିଶୁପୁତ୍ରକୁ ନେଇ ସନ୍ତୋଷଙ୍କୁ ଦେଇଥିଲେ। ଏପରିକି ଶିଶୁପୁତ୍ରଟି ପ୍ରଫୁଲ ଓ ତାଙ୍କ ସ୍ତ୍ରୀଙ୍କର ବୋଲି ଏକ ନକଲି ଚୁକ୍ତିପତ୍ର ଜରିଆରେ ହସ୍ତାନ୍ତର କରି ସନ୍ତୋଷଙ୍କଠାରୁ ୩୦ ହଜାର ଟଙ୍କା ଆଣିଥିଲେ। ଭଉଣୀ, ଭିଣୋଇଙ୍କୁ ବ୍ରହ୍ମପୁର ଆସି ଶିଶୁଟିକୁ ନେଇଯିବାକୁ ସନ୍ତୋଷ କହିଥିଲେ। ତେଣୁ ବୃନ୍ଦାବନ ଓ ତାଙ୍କ ସ୍ତ୍ରୀ ବୈଜୟନ୍ତୀ ପିଲା ନେବାପାଇଁ ଯାଜପୁରରୁ ବ୍ରହ୍ମପୁରକୁ ଆସିଥିଲେ। ହେଲେ ଏହା ପୂର୍ବରୁ ପୋଲିସ ପ୍ରଥମେ ଶିବଙ୍କୁ କାବୁ କରିଥିଲା। ଶିବଙ୍କ ବୟାନକୁ ଆଧାର କରି ପ୍ରଫୁଲ୍ଲ ଓ ତାଙ୍କ ସ୍ତ୍ରୀଙ୍କୁ ଥାନାକୁ ଆଣି ଜେରା କରିଥିଲା। ପରେ ସନ୍ତୋଷ ଓ ତାଙ୍କ ଭଉଣୀ ଭିଣୋଇଙ୍କୁ କାବୁ କରିଥିଲା।


ଗିରଫ ଅଭିଯୁକ୍ତମାନେ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୨୪ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ଖେମୁଣ୍ଡି କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଦିଗପହଣ୍ଡି,୨୩।୯(ଡି.ଏନ.ଏ.):** ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜ ପରିସରରେ ରସାୟନ ବିଜ୍ଞାନ ସମ୍ମାନ ବିଭାଗର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ଏବଂ ଶେଷ ବର୍ଷ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ। ଏହି ଅବସରରେ କେକ୍ କଟାଯାଇଥିଲା। ଅଧକ୍ଷା ପ୍ରଣତି ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଭାଗୀୟ ମୁଖ୍ୟ ଅଧାପକ ଅନୂପ କୁମାର ମିଶ୍ର, ହିମାଂଶୁ ଶେଖର ମିଶ୍ର, ଅକ୍ଷୟ ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଛାତ୍ର ପ୍ରେମାନନ୍ଦ ପଣ୍ଡା ଓ ଛାତ୍ରୀବର୍ଷା ମହାରଣା ମଞ୍ଚ ସଂଯୋଜନା କରିଥିବାବେଳେ ସେମିନାର ସମ୍ପାଦକ ଆକାଶ କୁମାର ନାୟକ ସହସମ୍ପାଦକ ସୁଧିର କୁମାର ପଣ୍ଡା, ଶିବ ପ୍ରସାଦ ଆଚାରୀ ଓ ମୋନାଲିସା ନାୟକ ପ୍ରମୁଖଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ।

### ବେଗୁନିଆପଡ଼ା ବ୍ଲକରେ ବିକାଶ ରଥ

**ବେଗୁନିଆପଡ଼ା,୨୩।୯(ଡି.ଏନ.ଏ.):** ସରକାରଙ୍କ ଜନ କଲ୍ୟାଣ ଯୋଜନା ଗୁଡିକ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇବା ସହିତ ଏହାର ସୁଫଳ ପାଇଁ ବିକାଶ ରଥ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ରବିବାର ବେଗୁନିଆପଡ଼ା ସରପଞ୍ଚ ଅରୁଣ କୁମାର ମାଝୀ ପତାକା ଦେଖାଇ ବିକାଶ ରଥର ଶୁଭାରମ୍ଭ କରିଥିବାବେଳେ ଖଣ୍ଡିଆନଇ ସରପଞ୍ଚ ପ୍ରତିନିଧି ଅକ୍ଷୟ କୁମାର ପ୍ରଧାନ ବ୍ଲକ କର୍ମଚାରୀ ବୃନ୍ଦାବନ ସାହୁ, ସୁରେନ୍ଦ୍ର ଶବର, ଅଜୟ କୁମାର ଦୋରା ଉପସ୍ଥିତ ରହି ବିକାଶ ରଥର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ରଥ ରବିବାର ବେଗୁନିଆପଡ଼ା, ଖଣ୍ଡିଆନଇ, କେ.ବରିଡ଼ା, ଏସ.ଛଚିନା ଓ ବୁରୁଝରି ପଞ୍ଚାୟତ ପରିକ୍ରମା କରି ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଏଲ୍ଇଡି ମାଧମରେ ଦେଖାଇଥିଲେ।

### ପ୍ରଧାନ ଶିକ୍ଷକ ତାଲିମ ଶିବିର

**ବୁଗୁଡ଼ା,୨୩।୯(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠରେ ଶନିବାର ୫ କ୍ଲଷ୍ଟର ପ୍ରଧାନ ଶିକ୍ଷକଙ୍କ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକଙ୍କ ଲାଗି ଉଦ୍ଦିଷ୍ଟ ଶାଲାସିଦ୍ଧି ସମ୍ପର୍କିତ ଆୟୋଜିତ ତାଲିମ ଶିବିରକୁ ବ୍ଲକ ଶିକ୍ଷାଧିକାରୀ ରସାନନ୍ଦ କର ଉଦ୍‌ଘାଟନ କରିଥିଲେ। ଶିବିରକୁ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ପରିଚାଳନା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅନ୍ୟ ଜଣେ ଏବିଇଓ ପୀତାମ୍ବର ବିଷୋୟୀ ଯୋଗ ଦେଇଥିଲେ । ଶିବିରରେ ସମ୍ବଳ ଶିକ୍ଷକ ଭାବେ ରାଜେଶ ସାହୁ, ବି. ଦୁର୍ଗା ପ୍ରସାଦ, ଭବାନୀ ଶଙ୍କର ପାତ୍ର, ମାନସ ରଞ୍ଜନ ସେଠୀ, ସନ୍ତୋଷ କୁମାର ସାହୁ ଓ ଅନିଲ ପରିଚ୍ଛା ଯୋଗଦେଇ ବିଦ୍ୟାଳୟଗୁଡିକର ଶୈକ୍ଷିକ ଅଭିବୃଦ୍ଧି ସାଙ୍ଗକୁ ସାମଗ୍ରିକ ଉନ୍ନତି କିପରି ହୋଇପାରିବ ସେ ବିଷୟରେ ତାଲିମ ପ୍ରଦାନ କରିଥିଲେ । ଏଥିରେ ବୁଗୁଡ଼ା ଏନ୍ଏସି, ଗୋଳିଆ, ବିରଞ୍ଚିପୁର, ତାକରଡ଼ା ଓ କରଚୁଲି ଆଦି ୫ କ୍ଲଷ୍ଟରର ୬୩ ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ ।

### ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ

**ଭଞ୍ଜନଗର,୨୩।୯(ଡି.ଏନ.ଏ):** ଭଞ୍ଜନଗର ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ସୋମବାର ଲେମ୍ବେଇରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ଅନିଲ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହ ଏହା ସମ୍ପର୍କରେ କହିଥିଲେ। ଏବିଡିଓ ଭଜରାମ ବିଶ୍ୱାଳ, ଗ୍ରାମସେବକ ନବ କୁମାର ସେଠୀ, ସରପଞ୍ଚ ହରିବନ୍ଧୁ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ସଂଯୋଜକ ପ୍ରଶାନ୍ତ କୁମାର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବିଳମ୍ବରେ ଆସୁଛନ୍ତି ଶିକ୍ଷକ, ଠିକ୍ ଭାବେ ମିଳୁନି ମଧ୍ୟାହ୍ନଭୋଜନ

# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

**କୋଦଳା,୨୩।୯(ଡି.ଏନ.ଏ.)**

ବେଗୁନିଆପଡା ବ୍ଲକ ମର୍ଦ୍ଦମେଖ ପଞ୍ଚାୟତ ବେଲଝରି ଗ୍ରାମରେ ଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବିଳମ୍ବରେ ଶିକ୍ଷକ ଆସୁଥିବା ଓ ପିଲାଙ୍କୁ ଠିକ ଭାବେ ମଧ୍ୟାହ୍ନଭୋଜନ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏହା ପ୍ରତିବାଦରେ ସୋମବାର ପରିଚାଳନା କମିଟି ସମେତ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇଥିଲେ। ପରେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଓ ସିଆରସିସି ପହଞ୍ଚି ଆଲୋଚନା କରିବା ସହ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟରୁ ତାଲା ଖୋଲିଛି।

ବେଲଝରି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ରୁ ଅଧିକ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ହେଲେ ଏଠାରେ ମଧ୍ୟାହ୍ନ ଭୋଜନରେ ଅନିୟମିତତା ଚାଲିଥିବା ବେଳେ ଶିକ୍ଷୟିତ୍ରୀ, ଶିକ୍ଷକ ଠିକ ସମୟରେ



ବିଦ୍ୟାଳୟ ଫାଟକରେ ତାଲା ପଡିଛି।

ନ ଆସି ମନଇଚ୍ଛା ପଳାଉଥିବା ପରିଚାଳନା କମିଟି ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ପରିକି ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଏ ସମ୍ପର୍କରେ ପଚାରିଲେ ସେମାନେ ଧମକ ଦେଉଥିବା ଗତ ସୋମବାର ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ୭ ଦିନ ପରେ ବି ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ପରିଚାଳନା କମିଟି ସଭାପତି ପ୍ରକାଶ ମେହେଣାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ବିଦ୍ୟାଳୟ ଗେଟରେ ତାଲା ପକାଇ ଧାରଣାରେ ବସିଥିଲେ। କୌଣସି କର୍ମଚାରୀ କିମ୍ବା ଛାତ୍ରୀଛାତ୍ରଙ୍କୁ ସେମାନେ ଭିତରକୁ ଛାଡି ନ ଥିଲେ। ଖବରପାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଷମା ଶବର, ସିଆରସିସି ଅଶ୍ୱିନୀ ପ୍ରହରାଜ ପ୍ରମୁଖ ପହଞ୍ଚି ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି, ସ୍ଥାନୀୟ ସରପଞ୍ଚ ହୃଷୀକେଶ ମହାରଣା ଓ ଗ୍ରାମବାସୀଙ୍କ ସହିତ ଏକ ଆଲୋଚନା ବୈଠକ କରିଥିଲେ। ଆସିଥିବା କେତେକ ଅଭିଯୋଗ ସତ ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ମିଶ୍ର ସ୍ୱୀକାର କରିଛନ୍ତି। ଅନ୍ୟପଟେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶ୍ରୀଜଗନ୍ନାଥ ମହିଳା ସଂଘର କର୍ମକର୍ତ୍ତା କହିଛନ୍ତି, ଶିକ୍ଷକ ଯାହା ଦେଉଛନ୍ତି ସେହି ପରିମାଣର ଖାଦ୍ୟ ପ୍ରସ୍ତୁତ କରାଯାଉଛି। ତେବେ ଉଭୟ ପକ୍ଷର ଅଭିଯୋଗ ଶୁଣିବା ପରେ ଏବିଇଓ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ନେଇଥିବା ମହିଳା ସଂଘକୁ ବଦଳାଇ ନୂତନ ସଂଘକୁ ଦାୟିତ୍ୱ ଦେବାକୁ ସ୍ଥିର କରିଛନ୍ତି। ସେହିପରି ଯଦି କୌଣସି କର୍ମଚାରୀ ବିଳମ୍ବରେ ଆସନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯିବା ପରେ ବିଦ୍ୟାଳୟ ସ୍ୱାଭାବିକ ଭାବେ ଚାଲିଥିଲା।

## ଯକ୍ଷ୍ମା ଚିହ୍ନଟ ଅଭିଯାନ ଆରମ୍ଭ



ସଚେତନତା ରଥକୁ ପତାକା ଦେଖାଉଛନ୍ତି ମୁଖ୍ୟ ଚିକିତ୍ସାଧିକାରୀ।

**ପାତ୍ରପୁର,୨୩।୯(ଡିଏନଏ)**

ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସୋମବାର ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ଯକ୍ଷ୍ମା ଚିହ୍ନଟ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିଲାଗି ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ମନୋଜ କୁମାର ପଣ୍ଡା, ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସମ୍ବିତ ବେଗ୍‌ରାୟ, ବ୍ଲକ ଯକ୍ଷ୍ମା ରୋଗ ପର୍ଯ୍ୟବେକ୍ଷକ ବି. ସୁଧାକର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ବ୍ଲକରେ ଥିବା ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ ସହିତ ନିରାକରଣ ତଥା 'ମୋ ଗାଁ ଟିବି ମୁକ୍ତ ହେବ' ଉପରେ ଅଧିକାରୀମାନେ ମତ ପ୍ରକାଶ କରିଥିଲେ। ପରେ ଏକ ସଚେତନତା ରଥକୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସ-ରେ ମେଶିନ ନ ଥିବା, ଆମ୍ବୁଲାନ୍ସ ଚାଳକ ମନମୁଖି କାର୍ଯ୍ୟ ସମ୍ପର୍କରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସେହିପରି ଏଠାରେ ୭ ଡାକ୍ତରଙ୍କ ବଦଳରେ ୨ ଜଣ ଥିବା କୁହାଯାଇଥିଲା । ଡାକ୍ତର ପଦବୀ ପୂରଣ ଓ ଆଦିବାସୀ ଗ୍ରାମଗୁଡ଼ିକୁ ନିୟମିତ ସ୍ୱାସ୍ଥ୍ୟ ଟିମ ପଠାଇବା ନିମନ୍ତେ ଦାବି କରାଯାଇଥିଲା ।

# ଉଚ୍ଛେଦକୁ ଖୁଚୁରା ବ୍ୟବସାୟୀଙ୍କ ବିରୋଧ


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ବ୍ୟବସାୟୀମାନେ ।

**ବ୍ରହ୍ମପୁର ଅଫିସ୍,୨୩।୯**

ଗିରି ମାର୍କେଟ୍ ଅଞ୍ଚଳର ଖୁଚୁରା ଫଳ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବା ପାଇଁ ବିଏମ୍‌ସି ପକ୍ଷରୁ ଡକାବାଜି ଯନ୍ତ୍ର ଯୋଗେ ଘୋଷଣା କରାଯାଇଛି । ଏହାକୁ ବ୍ୟବସାୟୀମାନେ ତୀବ୍ର ବିରୋଧ କରିଛନ୍ତି । ସୋମବାର ସେମାନେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏ ନେଇ ଅଭିଯୋଗ ଦାଏର କରିଛନ୍ତି। ଗତ ଚାରି ଦଶନ୍ଧି ଧରି ଗିରି ମାର୍କେଟ୍ ଅଞ୍ଚଳରେ ଜେଜେ ବାପାଙ୍କ ଠାରୁ ଆରମ୍ଭ କରି ବାପା ଏବଂ ଏବେ ସେମାନେ ଖୁଚୁରା ଫଳ ଦୋକାନ ଖୋଲି ପରିବାର ପ୍ରତିପୋଷଣ କରୁଛନ୍ତି ବୋଲି ବ୍ୟବସାୟୀମାନେ କହିଛନ୍ତି। ବିଏମ୍‌ସି ସେଠାରୁ ଉଚ୍ଛେଦ କଲେ ଜୀବିକାକୁ ନେଇ ନାନା ଆଶଙ୍କାରେ ରହିଛି। ଅନେକ ପରିବାର ବେସାହାର ହୋଇଯିବ । ଏଣୁ କୌଣସି ଏକ ଜାଗାରେ ଥଇଥାନ କରିବା ପରେ ଉଚ୍ଛେଦ କରିବାକୁ ସେମାନେ ନିବେଦନ କରିଛନ୍ତି । ବ୍ୟବସାୟୀ ସୀମାଞ୍ଚଳ ବେହେରା, ଗୋପାଳକୃଷ୍ଣ ସାହୁ, କାମା ସାହୁ, ସୂରଜ ପ୍ରଧାନ, ଦୀପ କୁମାର ସାହୁ, ସୁନିଲ ପାତ୍ରଙ୍କ ସମେତ ବହୁ ବ୍ୟବସାୟୀ ଦାବିପତ୍ର ପ୍ରଦାନ କରିଛନ୍ତି ।

## ସାଲାସିଦ୍ଧ ତାଲିମ କାର୍ଯ୍ୟକ୍ରମ

**ଧରାକୋଟ,୨୩।୯(ଡି.ଏନ.ଏ.)**

ଧରାକୋଟ ବ୍ଲକର ୧୪ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କ ପାଇଁ ସାଲାସିଦ୍ଧ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଇଓ ରବୀନ୍ଦ୍ର କୁମାର ପଣ୍ଡା ଉଦ୍‌ଘାଟନ କରିଥିବାବେଳେ ଏବିଇଓ ସୌରୀ ଶଙ୍କର ବେହେରା ଓ ପ୍ରଦୀପ କୁମାର ହୋତା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୧୨୭ ଜଣ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାଲିମ ଗ୍ରହଣ କରିଥିଲେ। ଏଥିରେ ଶିକ୍ଷାର ପ୍ରଗତି, ସ୍କୁଲର ଭିତ୍ତିଭୂମିର ବିକାଶ, ବିଦ୍ୟାଳୟର ଉନ୍ନତି ପାଇଁ ଶିକ୍ଷା ଦିଆଯାଇଥିଲା। ୮ ଜଣ ସମ୍ବଳ ଶିକ୍ଷକ ଏହି ତାଲିମ ଶିବିରରେ ଶିବିରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସମ୍ବଳ ଶିକ୍ଷକ ଭାସ୍କର ବାଡ଼ତ୍ୟା, ରାଜେନ୍ଦ୍ର ମହାନ୍ତି, ସୁଶାନ୍ତ ସାବତ, ସନୋଜ ପାଢ଼ୀ, ଗଦାଧର ସେଠୀ, ବସନ୍ତ ବାଡ଼ତ୍ୟା, ନବୀନ ସେଠୀ, ସୁରେଶ ପାଣିଗ୍ରାହୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଅହିଂସା ରଥକୁ ସ୍ୱାଗତ ପ୍ରସ୍ତୁତି ବୈଠକ

**ଭଞ୍ଜନଗର,୨୩।୯(ଡି.ଏନ.ଏ)**

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ବିଶ୍ୱରେ ଶାନ୍ତି ଓ ପ୍ରଗତି ପାଇଁ ଅହିଂସାକୁ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରିବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଜନସଚେତନତା ଓ ଦସ୍ତଖତ ଅଭିଯାନ ଚାଲିଛି। ୨୬ ତାରିଖରେ ଅହିଂସା ରଥ ଭଞ୍ଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମ ପରିକ୍ରମା କରିବ। ବଡ଼କୋଦଣ୍ଡା, କୁଲାଡ଼, ତୁରୁମୁ, ଗେରେଡ଼ା, ବିଡ଼ିପୁର, ପଞ୍ଚଭୂତି ଆଦି ସ୍ଥାନରେ ପଥପ୍ରାନ୍ତ ନାଟକ ମାଧମରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ଉପରେ ଲୋକଙ୍କୁ ସଚେତନ କରାଯିବ । ଏଥିସହ ଦସ୍ତଖତ ଅଭିଯାନ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରବିବାର ସନ୍ଧ୍ୟାରେ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ଏଥିରେ ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବ୍ଲକ ଉପାଧକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ପଞ୍ଚାନନ ପାଳ, ଶୂଳପାଣି ଶତପଥୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ଧର୍ମନଗରରେ ଡ୍ରେନେଜ ବିପର୍ଯ୍ୟସ୍ତ

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ପୂର୍ବତନ କର୍ପୋରେଟର

**ବ୍ରହ୍ମପୁର ଅଫିସ୍,୨୩।୯**

ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ୧୨ ନଂ. ୱାର୍ଡ ଅନ୍ତର୍ଗତ ଧର୍ମନଗର ଅଞ୍ଚଳରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଉକ୍ତ ୱାର୍ଡର ପୂର୍ବତନ କର୍ପୋରେଟର ବିରେନ ପଟ୍ଟନାୟକ ଏ ନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏସଏସଭିଟି ସିନେମା ହଲରୁ ଧର୍ମନଗର ଦେଇ ଯାଇଥିବା ଡ୍ରେନେଜକୁ ନିୟମିତ ସଫେଇ କରାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଦୀର୍ଘବର୍ଷ ଧରି ଡ୍ରେନ ଉପରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରାଯାଉ ନ ଥିବାରୁ ଧର୍ମନଗରରେ ବର୍ଷାଦିନେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି । ଏହାବ୍ୟତିତ ପ୍ରେମନଗର ଅଞ୍ଚଳରେ ମଧ ଡ୍ରେନେଜ ସମସ୍ୟା ଯୋଗୁଁ ବର୍ଷାଦିନରେ ଅନୁରୂପ ସ୍ଥିତି ଦେଖିବାକୁ ମିଳୁଛି । ଏ ପରିସ୍ଥିତିରେ ଧର୍ମନଗର ଦେଇ ଯାଇଥିବା ଡ୍ରେନେଜକୁ ପ୍ରେମନଗର ସହ ସଂଯୋଗ କରାଯିବାକୁ ବିଏମସି ପକ୍ଷରୁ ପ୍ରୟାସ କରାଯାଉଛି । ଯାହାଦ୍ୱାରା ଧର୍ମନଗର ସମେତ ପ୍ରେମନଗରରେ ବର୍ଷାଦିନେ କୃତ୍ରିମ ବନ୍ୟାର ଭୟାବହତା ଦେଖାଦେବ । ଯାହଦ୍ୱାରା ଧର୍ମନଗର ସମେତ ଗାନ୍ଧିନଗର, ଲେପର୍ସି କଲୋନୀ, ପ୍ରେମନଗର ଅଞ୍ଚଳରେ ବର୍ଷାଦିନେ କୃତ୍ରିମ ବନ୍ୟା ପରିସ୍ଥିତ ଆହୁରୀ ଜଟିଳ ହେବ ବୋଲି କର୍ପୋରେଟର ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ତୁରନ୍ତ ଧର୍ମନଗର ଡ୍ରେନେଜର ପୁନରୁଦ୍ଧାର କରାଯିବା ସହ ଡ୍ରେନେଜ ଉପରେ ରହିଥିବା ଜବରଦଖଲକୁ ଉଚ୍ଛେଦ କରିବାକୁ ସେ ଦାବିପତ୍ରରେ ଦର୍ଶାଇଛନ୍ତି । ଅନ୍ୟପକ୍ଷରେ ଏନେଇ କମିଶନରଙ୍କ ଆଲୋଚନା କରି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବା ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା କର୍ପୋରେଟର ପଟ୍ଟନାୟକ କହିଛନ୍ତି ।

## ଅବସରପ୍ରାପ୍ତ ଅଧାପକଙ୍କ ସ୍ମୃତିସଭା

**ଭଞ୍ଜନଗର,୨୩।୯(ଡି.ଏନ.ଏ)**

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ବିଭାଗ ମୁଖ୍ୟ ଅଧାପକ ଶିବ ପ୍ରସାଦ ପାଢ଼ୀଙ୍କ ବିୟୋଗରେ ସୋମବାର ଏକ ଶୋକସଭା ହୋଇଥିଲା । କଲେଜରେ ପ୍ରଶାସନିକ ଅଧିକାରୀ ଡ଼.ସୁବାସ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପ୍ରଧାପକ ଏସ୍. କେ. ମିଶ୍ର, ଡ.ଆର.ଏନ. ପାଳ, ଡ.ଦାମୋଦର ଷଡ଼ଙ୍ଗୀ, ବିଭୂତି ଭୂଷଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଢ଼ୀଙ୍କ କର୍ମମୟ ଜୀବନ ସମ୍ପର୍କରେ କହିଥିଲେ । ପରେ ସମସ୍ତ କ୍ଲାସକୁ ସସ୍‌ପେଣ୍ଡ କରାଯାଇଥିଲା ।

## ଗାଲେରୀରେ ମାପ ଓ ଓଜନ ବିଭାଗର ଚଢ଼ାଉ


ଦୋକାନରେ ଯାଞ୍ଚ ଚାଲିଛି ।

**ଭଞ୍ଜନଗର,୨୩।୯(ଡି.ଏନ.ଏ)**

ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଗାଲେରୀର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଉପରେ ମାପ ଓ ଓଜନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଦୁଇଟି ଦୋକାନ ଯାଞ୍ଚ ବେଳେ ବିଲ୍ ବହି ଠିକ୍ ଲେଖା ନ ଥିବା, ପ୍ୟାକେଟଗୁଡ଼ିକରେ ତଥ୍ୟ ଠିକ୍ ନ ଥିବା ଯୋଗୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ଅନ୍ୟ ଜଣେ ବ୍ୟବସାୟୀଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାପାଇଁ ନୋଟିସ ଦିଆଯାଇଛି । ସହକାରୀ ଜିଲାପାଳ ବିକାଶ ଭୋଇ, ସହକାରୀ ନିୟନ୍ତ୍ରକ ବିନୟ ଦାସ, ନିରୀକ୍ଷକ ସତ୍ୟଜିତ ବିଶ୍ୱାଳ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ ।


ବିଜୁ ଯୁବ ବାହିନୀ ପକ୍ଷରୁ ଲେମ୍ବେଇରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅନିଲ କୁମାର ସେଠୀ ଚାରାରୋପଣ କରୁଛନ୍ତି ।

# ସାପ କାମୁଡ଼ାରେ ମା, ପୁଅଙ୍କ ସମେତ ୩ ମୃତ, ମହିଳା ଗୁରୁତର

**କୋଦଳା/ କବିସୂର୍ଯ୍ୟନଗର, ୨୩।୯(ଡି.ଏନ.ଏ.)**

ଗଞ୍ଜାମ ଜିଲାର କୋଦଳା ଓ କବିସୂର୍ଯ୍ୟନଗରରେ ରବିବାର ରାତିରେ ସାପ କାମୁଡ଼ାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। କୋଦଳା ଥାନା ବି.ନୂଆପଲ୍ଲୀ ଗ୍ରାମରେ ମା', ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ମହିଳା ଗୁରୁତର ହୋଇଛନ୍ତି। ସେହିପରି କବିସୂର୍ଯ୍ୟନଗର ଥାନା ଏ.ବରିଡ଼ା ଗ୍ରାମର ଜଣେ ଯୁବକଙ୍କର ମଧ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି।

ବି.ନୂଆପଲ୍ଲୀ ପରିଡ଼ାସାହିର କାଳିଆ ପରିଡ଼ାଙ୍କ ସ୍ତ୍ରୀ ମନାସ (୩୨) ଓ ତାଙ୍କ ପୁଅ ଆଶିଷ (୫) ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଉଭୟଙ୍କୁ କୌଣସି ଏକ ବିଷାକ୍ତ ସାପ କାମୁଡ଼ିଥିଲା। ମା, ପୁଅଙ୍କ ଚିତ୍କାର ଶୁଣି ବାହାରେ ଶୋଇଥିବା କାଳିଆ ଉଠିଆସି ଘରେ ସାପ ଥିବା ଦେଖିଥିଲେ। ସ୍ତ୍ରୀ ଓ ପୁଅଙ୍କୁ ସାପ କାମୁଡ଼ିଥିବା ଜାଣିବା ପରେ ପଡ଼ୋଶୀଙ୍କ ସହାୟତାରେ ଉଭୟଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ମନାସ ଓ ଆଶିଷଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନିଆଯାଉଥିଲା। ତେବେ ରାସ୍ତାରେ ଆଶିଷଙ୍କ ମୃତ୍ୟୁ ଘଟିଥିବା ବେଳେ ବଡ଼ ମେଡିକାଲରେ ମନାସଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ଶୁଣିବା ପରେ ସୋମବାର ସକାଳେ ପଡ଼ୋଶୀ ମାମାଲି ପରିଡ଼ା (୩୨) ମୃତ ମନାସଙ୍କ ଘର ଲୋକଙ୍କୁ ସାନ୍ତ୍ୱନା ଦେବାକୁ ଆସିଥିବା ବେଳେ ମା', ପୁଅଙ୍କୁ କାମୁଡ଼ି ଘରେ ରହିଯାଇଥିବା ସାପଟି ତାଙ୍କୁ ମଧ କାମୁଡ଼ି ଦେଇ ପଳାଇଥିଲା। ମାମାଲିଙ୍କୁ ତୁରନ୍ତ ଖଲ୍ଲିକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ମନାସ ଓ ଆଶିଷଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ରାତିରେ ଗ୍ରାମକୁ ଫେରିଛି।

ସେହିପରି ଏ.ବରିଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ସାହୁ (୩୧) ରବିବାର ରାତିରେ ଖାଇପିଇ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସାପ କାମୁଡ଼ିବା ପରେ କୃଷ୍ଣଚନ୍ଦ୍ର କଡ଼ ଲେଉଟାଇବାରୁ ଶେଯରେ ଚାପି ହୋଇଯାଇଥିଲା। ସାପ କାମୁଡ଼ିଥିବା ଜାଣିବା ପରେ କୃଷ୍ଣଚନ୍ଦ୍ର ରାତି ପ୍ରାୟ ୧୧ଟାରେ ଅଧ କିଲୋମିଟର ଚାଲିଯାଇ ଏକ ଅଟୋ ଯୋଗେ ଆସିକା ମେଡ଼ିକାଲରେ ପହଞ୍ଚିଥିଲେ। ଭୋର ୪ଟାରେ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ସୋମବାର ସକାଳେ ୬ଟାରେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗ୍ରାମବାସୀ ସକାଳେ କୃଷ୍ଣଚନ୍ଦ୍ରଙ୍କ ଶେଯରେ ସାପଟି ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ବ୍ରହ୍ମପୁରରେ ମୃତଦେହ ବ୍ୟବଚ୍ଛେଦ ହୋଇ ସନ୍ଧ୍ୟାରେ ଗାଁକୁ ଆସିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା। ଗରିବ ଶ୍ରେଣୀର କୃଷ୍ଣଚନ୍ଦ୍ର ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଥାନାରେ କୌଣସି ଖବର ନଥିବା ପୋଲିସ କହିଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ, ଶିକ୍ଷକ ଅଟକ

ଦାରିଙ୍ଗବାଡ଼ି,୨୩।୯(ଡି.ଏନ.ଏ): ଦାରିଙ୍ଗବାଡି ଅଞ୍ଚଳର ଜଣେ ଟ୍ୟୁଶନ ଶିକ୍ଷକ ଜଣେ ନାବାଳିକା ଛାତ୍ରୀ (ସପ୍ତମ ଶ୍ରେଣୀ)ଙ୍କୁ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଭୟରେ ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଅଜଣା ସ୍ଥାନରେ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ତଦନ୍ତରେ ବାଧାସୃଷ୍ଟି ହେବା ଆଶଙ୍କାରେ ଅଧିକ କିଛି କହିବାକୁ ପୋଲିସ ମନା କରଛି। ପ୍ରକାଶ ଯେ, ଶୁକ୍ରବାର ଉକ୍ତ ଥାନା ଅଞ୍ଚଳର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ପ୍ରତିଦିନ ଭଳି ସକାଳ ସାଢ଼େ୬ରେ ଟ୍ୟୁଶନ ଯାଇଥିଲେ। ତାଙ୍କୁ ଶିକ୍ଷାଦାନ କରୁଥିବା ଶିକ୍ଷକ ଜଣକ ଏକ ରୁମ୍‌କୁ ଡାକିନେଇ ଅସଦାଚରଣ କରିଥିଲେ। ନାବାଳିକା ଜଣକ ଘରକୁ ଫେରି ସମସ୍ତ ଘଟଣା ମା'ଙ୍କୁ କହିଥିଲେ। ପରିବାର ଲୋକେ ଏନେଇ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୯୬/୧୯ରେ ମାମଲା ରୁଜୁକରି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ପୋକ୍‌ସୋ ଆକ୍ଟ ସହ ଏସ୍‌ସିଏସ୍‌ଟି ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜଣେ ଡିଏସ୍‌ପି ର୍ୟାଙ୍କର ଅଫିସର ଏହି ଘଟଣାର ତଦନ୍ତ କରୁଥିବା ଆଇଆଇସି କୌଶିକ ମାଝୀ କହିଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରିବାରେ ବିଳମ୍ବକୁ ନେଇ ସମଗ୍ର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖାଯାଇଛି। ସେହିପରି ଘଟଣାକୁ ନେଇ ପରିବାର ଲୋକେ ମଧ ଭାଙ୍ଗିପଡ଼ିଛନ୍ତି। ଖୁବ୍‌ଶୀଘ୍ର ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ମାଝୀ କହିଛନ୍ତି।

### ରନ୍ଧନ ଗ୍ୟାସ ବିତରକ ସଂଘର ବନ୍ଧୁମିଳନ

ଦାରିଙ୍ଗବାଡ଼ି,୨୩।୯(ଡି.ଏନ.ଏ): ଦାରିଙ୍ଗବାଡ଼ି ଡୁଲୁରୀ ପାଇନ ଜଙ୍ଗଲରେ ରବିବାର ପଶ୍ଚିମ ଓଡ଼ିଶା ଗ୍ରାମୀଣ ରନ୍ଧନ ଗ୍ୟାସ ବିତରକ ସଂଘର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆଖାଇ ଭେଟଘାଟ ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବଲାଙ୍ଗୀର ସମେତ ନୂଆପଡ଼ା, ବରଗଡ଼, ବୌଦ୍ଧ, ସୋନପୁର, କନ୍ଧମାଳର ମୋଟ ୩୨ଟି ବିତରକ ସଂସ୍ଥାର ପରିଚାଳକ ଉପସ୍ଥିତ ରହି ନିଜ ଅଞ୍ଚଳରେ କିଭଳି ରନ୍ଧନ ଗ୍ୟାସ ହିତାଧିକାରୀଙ୍କୁ ସୁବିଧାରେ ଯୋଗାଇଦେବା ସହ ଜଙ୍ଗଲ କ୍ଷୟକୁ ରୋକାଯିବ ସେ ଦିଗରେ ପଦକ୍ଷେପ ନେଇ ଅଞ୍ଚଳରେ ନୂତନ ହିତାଧିକାରୀ ସୃଷ୍ଟି କରାଯିବା ଦିଗରେ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା। ଏଥିସହ ବିତରକ ସଂସ୍ଥାମାନଙ୍କରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ଆବାସ ଯୋଜନା ଗୃହ ସମ୍ପୂର୍ଣ୍ଣ ଲାଗି ସଚେତନତା ଶିବିର

ତୁମୁଡ଼ିବନ୍ଧ,୨୩।୯ (ଡି.ଏନ୍.ଏ): ତୁମୁଡ଼ିବନ୍ଧ ବ୍ଲକର ବେଲଘର ପଞ୍ଚାୟତ କାର୍ଯ୍ୟାଳୟର ସଭାଗୃହରେ ରବିବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତୁମୁଡ଼ିବନ୍ଧ ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ୨୦୧୬-୧୭ ଓ ୨୦୧୭-୧୮ ଆର୍ଥିକ ବର୍ଷରେ ୯୩ ଗୃହ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇପଡ଼ିଛି। ଉକ୍ତ ଗୃହ ପାଇଥିବା ହିତାଧିକାରୀଙ୍କୁ କ'ଣ ପାଇଁ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରି ନ ଥିବା ପଚାରି ବୁଝିଥିଲେ। ହିତାଧିକାରୀମାନେ ୩ ମାସ ଭିତରେ ଗୃହ କାର୍ଯ୍ୟ ଶେଷ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ବେଲଘର ସରପଞ୍ଚ ଗୀତାଞ୍ଜଳି ଜାନୀ, ନାଏବ ସରପଞ୍ଚ ମଙ୍ଗୁଲୁ ନାୟକ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ରଞ୍ଜନ ପ୍ରଧାନ, ଯୁବ ସଙ୍ଗଠକ ଶିବ ଶଙ୍କର ନାୟକ ଯୋଗଦେଇଥିଲେ।

# ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ବିକ୍ଷୋଭ

ଦାରିଙ୍ଗବାଡ଼ି,୨୩।୯(ଡି.ଏନ.ଏ.)

ଦାରିଙ୍ଗବାଡ଼ି ନାଗରିକ ମଞ୍ଚ ଏବଂ କନ୍ଧମାଳ ମିଳିତ ନାଗରିକ କମିଟି ପକ୍ଷରୁ ଜିଲାରେ ସରକାରୀ ମେଡିକାଲ୍ କଲେଜ ଏବଂ ହସ୍‌ପିଟାଲ ପ୍ରତିଷ୍ଠା ଦାବିରେ ପଥପ୍ରାନ୍ତ ସଭା, ଶୋଭାଯାତ୍ରା ସହ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହାକୁ ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ନିକଟକୁ ପଠାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଯେ, ବିଭିନ୍ନ ସଂଗଠନର ସଦସ୍ୟ ଓ ଅଞ୍ଚଳବାସୀ ଶିବ ମନ୍ଦିର ପ୍ରାଙ୍ଗଣରେ ଏକାଠି ହୋଇଥିଲେ। ସେଠାରୁ ଶୋଭାଯାତ୍ରାରେ ଦାରିଙ୍ଗବାଡ଼ି ସହର ପରିକ୍ରମା କରିବା ସହ ଚାରିଛକଠାରେ ପଥପ୍ରାନ୍ତ ସଭା



ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲ ଦାବିରେ ଶୋଭାଯାତ୍ରା କରାଯାଉଛି।

### ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କରାଯାଇଥିଲା। ମେଡିକାଲ କଲେଜ ଏବଂ ହସ୍‌ପିଟାଲର ଆବଶ୍ୟକତା ସମ୍ପର୍କରେ ବକ୍ତାମାନେ କହିଥିଲେ। ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରାଯାଇଥିଲା। କନ୍ଧମାଳ ଜନଜାତି ଅଧ୍ୟୁଷିତ ଅଞ୍ଚଳ। ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟସେବା ଅପହଞ୍ଚ। ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାକୁ ଗରିବ ଲୋକ କଟକ, ଭୁବନେଶ୍ୱର, ବୁର୍ଲା, ବ୍ରହ୍ମପୁର ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଅର୍ଥ ଅଭାବରୁ ଚିକିତ୍ସା ହୋଇ ନ ପାରି ଅନେକ ରୋଗୀଙ୍କ ମୃତ୍ୟୁ ଘଟୁଛି। ଏଣୁ କନ୍ଧମାଳରେ ଏକ ସରକାରୀ ମେଡିକାଲ କଲେଜ ଏବଂ ହସ୍‌ପିଟାଲ ଖୋଲାଗଲେ ଏଠାକାର ଛାତ୍ରୀଛାତ୍ର ଡାକ୍ତରୀପାଠ ପଢ଼ିବା ସହ ଅଞ୍ଚଳବାସୀ ଚିକିତ୍ସା ସୁବିଧା ପାଇବେ। ସରକାର ଏହି ଦାବି ନ ମାନିଲେ ଆଗାମୀ ଦିନରେ ବ୍ଲକ ସମେତ ଜିଲାରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ମିଳିତ ନାଗରିକ କମିଟିର ଆବାହକ ଅଶୋକ କୁମାର ପରିଡ଼ା, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ଦାରିଙ୍ଗବାଡ଼ି ନାଗରିକ ମଞ୍ଚର ସଭାପତି ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ତଥା ଆଇନଜୀବୀ ହରେନ କୁମାର ସାହୁ, ବହୁମୁଖୀ ସମବାୟ ସମିତି ଅଧ୍ୟକ୍ଷ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଦସ୍ୟ ଧର୍ମେନ୍ଦ୍ର ପ୍ରଧାନ, ଗ୍ରୀନବାଡ଼ି ସରପଞ୍ଚ ସଞ୍ଜୟ କୁମାର ପ୍ରଧାନ, ପର୍ତ୍ତମାହାର ପୂର୍ବତନ ସରପଞ୍ଚ ଜ୍ୟୋତିରାଜ ପ୍ରଧାନ, ବ୍ୟବସାୟୀ ସଂଘର ବୁଲୁ ସାହୁ, ଲଡୁ କିଶୋର ସାହୁ, ସରୋଜ କୁମାର ସାହୁ, ନାରୀନେତ୍ରୀ ବିଳାସିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କନ୍ଧମାଳରେ ପୁଣି ଲଜ୍ଜା ନାବାଳିକା ଛାତ୍ରୀ ଗର୍ଭବତୀ, ଥାନାରେ ଏତଲା

ବାଲିଗୁଡା,୨୩।୯(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ଅଞ୍ଚଳରେ ଥିବା ଏକ ଆଶ୍ରମ ବାଳିକା ବିଦ୍ୟାଳୟରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀ ସୋମବାର ପାଠ ପଢୁଥିବାବେଳେ ଅସୁସ୍ଥ ଅନୁଭବ କରିବାରୁ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନଶିକ୍ଷକ ବାଲିଗୁଡା ମେଡିକାଲ ଆଣି ଚିକିତ୍ସା କରିବା ପରେ ଛାତ୍ରୀ ଜଣକ ଗର୍ଭବତୀ ଥିବା ଜଣାପଡିଥିଲା। ଏନେଇ ପ୍ରଧାନ ଶିକ୍ଷକ ବାଲିଗୁଡା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା ନଂ.୧୧୬/୧୯ରେ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି। ନାବାଳିକାଙ୍କ ସହ ସମ୍ପର୍କ ରଖିଥିବା ଯୁବକ ଜଣକ ତାଙ୍କ ସମ୍ପର୍କୀୟ। ନାବାଳିକାଙ୍କର ତାଙ୍କ ସହ ନିର୍ବନ୍ଧ ସରିଥିବା ଶୁଣିବାକୁ ମିଳୁଛି। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ପକ୍କା ଘର ଯୋଗାଇଦେବାକୁ ବିଡିଓଙ୍କୁ ଦାବିପତ୍ର

ଦାରିଙ୍ଗବାଡ଼ି,୨୩।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ସମେତ ଝିଞ୍ଜିରିଗୁଡା, ହାତୀମୁଣ୍ଡା, କୁମ୍ଭାରିଗାଁ ଏବଂ ତାଜୁଙ୍ଗିଆ ପଞ୍ଚାୟତର କୋଠାବାଡ଼ି ନିର୍ମାଣ ଏବଂ ଅନ୍ୟାନ୍ୟ ସଂଘ ପକ୍ଷରୁ ସୋମବାର ଆବାସ ଯୋଜନାରେ ପକ୍କା ଘର ଯୋଗାଇଦେବାକୁ ସ୍ଥାନୀୟ ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସେମାନଙ୍କ ଦାବି ହେଲା ଯେ, ଗତ ୫ ବର୍ଷ ହେଲା କୋଠାବାଡ଼ି ଏବଂ ଅନ୍ୟାନ୍ୟ ଶ୍ରମିକ ସଂଘରେ ନାମ ପଞ୍ଜୀକୃତ କରିଛନ୍ତି। ସରକାର ଏବେ କୋଠାବାଡ଼ି ମିସ୍ତ୍ରିମାନଙ୍କୁ ପକ୍କାଘର ନିର୍ମାଣ ପାଇଁ ଅଢ଼େଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଦେଉଛନ୍ତି । କିନ୍ତୁ ସେମାନଙ୍କୁ ପ୍ରଶାସନିକ ଅବହେଳା କାରଣରୁ ଆଜି ପର୍ଯ୍ୟନ୍ତ ଏହି ଯୋଜନାରେ ଅନୁଦାନ ମିଳିନାହିଁ । ସେମାନେ ଏନେଇ ଫୁଲବାଣୀ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ପଚାରିଥିଲେ। ବିଡିଓଙ୍କଠାରୁ ତାଲିକା



ବ୍ଲକ କାର୍ଯ୍ୟାଳୟକୁ ନିର୍ମାଣ ସଂଘ ଦାବିପତ୍ର ଦେବାକୁ ଆସିଛି।

ଆସିବାପରେ ଏହି ଅନୁଦାନ ଦିଆଯିବ ବୋଲି କୁହାଯାଇଥିଲା । ତେବେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରୁ ବୃତାନ୍ତ ତାଲିକା ଯାଇ ନ ଥିବାରୁ ଉକ୍ତ ତାଲିକା ଶୀଘ୍ର ବିଡିଓ ଜିଲା ପ୍ରଶାସନ ନିକଟକୁ ପଠାଇବାକୁ ବ୍ରାହ୍ମଣୀଗାଁ ଅଞ୍ଚଳର ୫ଟି ପଞ୍ଚାୟତକୁ ନେଇ ଗଠନ କରାଯାଇଥିବା ଆମ୍ବେଦକର ମିସ୍ତ୍ରି ମହାରାଣ ନିର୍ମାଣ ସଂଘ ପକ୍ଷରୁ ଦାବି କରାଯାଇଛି । ସଂଘ ସଭାପତି ସୁଶାନ୍ତ ନାୟକ, ସମ୍ପାଦକ ମାର୍କ ସିଂ, କୋଷାଧ୍ୟକ୍ଷ ସୁଶୀଳ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ସଂଘର ସଦସ୍ୟ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଶୀଘ୍ର ଏହି ଯୋଜନାରେ ଅର୍ଥ ପ୍ରଦାନ କରା ନ ଗଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଡିକି ଭାଙ୍ଗି ୨୫ ହଜାର ଲୁଟ୍

ଫୁଲବାଣୀ ଅଫିସ, ୨୩।୯

ଫୁଲବାଣୀ ସହରରେ ଲୁଟେରା ମାତିଛନ୍ତି। ପୋଲିସ ସେମାନଙ୍କୁ ଧରିବାରେ ସକ୍ଷମ ହେଉନାହିଁ। ସୋମବାର ଏକ ବାଇକ୍‌ର ଡିକି ଭାଙ୍ଗି ୨୫ ହଜାର ଟଙ୍କା, ବିଭିନ୍ନ ବ୍ୟାଙ୍କର ପାସବୁକ୍, ଏଟିଏମ କାର୍ଡ, ଚେକ ବୁକ୍ ସମେତ ପେନଡ୍ରାଇଭ ଲୁଟି ନେଇଛନ୍ତି। ଏ ନେଇ ଲୁଟ୍‌ର ଶିକାର ହୋଇଥିବା କନ୍ଧମାଳ ଜି.ଏନ୍.ଏମ୍. କଲେଜର ଆଡ୍‌ମିନିଷ୍ଟ୍ରେଟିଭ ଅଧିକାରୀ ସନ୍ତୋଷ କୁମାର ମିଶ୍ର ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସନ୍ତୋଷ ପୂର୍ବାହ୍ନ ସାଢ଼େ ୧୧ଟାରେ ଫୁଲବାଣୀ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରୁ ୨୫ ହଜାର ଟଙ୍କା ଉଠାଇଥିଲେ। ଟଙ୍କାକୁ ବ୍ୟାଙ୍କର ପାସବୁକ, ଏଟିଏମ, ଚେକବୁକ୍ ଥିବା ଏକ ଛୋଟ ବ୍ୟାଗରେ ପୂରାଇ ଡିକିରେ ରଖିଥିଲେ। ସେଠାରୁ ସେ ପେଟ୍ରୋଲ ପମ୍ପ ଅଭିମୁଖେ ଯାଇଥିଲେ। କିଛି ଦୂରରେ ବାଇକ ରଖି ପଲ୍ୟୁଶନ ସାର୍ଟିଫିକେଟ ବିଷୟରେ ପଚାରି ଫେରି ଆସି ଦେଖିବାବେଳକୁ ବାଇକର ଡିକି ଖୋଲାଥିବାବେଳେ ଟଙ୍କା ବ୍ୟାଗ ନ ଥିଲା। ପୋଲିସ ଏବେ ଲୁଟେରାମାନଙ୍କୁ ଖୋଜା ଖୋଜି ଆରମ୍ଭ କରିଛି। ସୂଚନା ଯୋଗ୍ୟ ଯେ, ଗତ ୨ଦିନ ପୂର୍ବେ ଫୁଲବାଣୀ କୋର୍ଟ ଛକଠାରେ ଜଣେ ବ୍ୟବସାୟୀଙ୍କ ଗାଡିରୁ ଏକ ବ୍ୟାଗରେ ଥିବା ୮ କିଗ୍ରା ରୁପା ଗହଣା ଏବଂ ୫୦ ହଜାର ଟଙ୍କା ଦୁଇ ଦୁର୍ବୃତ୍ତ ଲୁଟି ନେଇ ଫେରାର ହୋଇଯାଇଥିଲେ।

### ବ୍ରାହ୍ମଣପାଦ ସ୍କୁଲରେ ବଜ୍ରପାତ, ଜଣେ ଛାତ୍ରୀ ଗୁରୁତର

## ୧୧ ଛାତ୍ରୀଛାତ୍ର ସହ ଶିକ୍ଷୟିତ୍ରୀ ଅଚେତ



ଗୁରୁତର ଛାତ୍ରୀଛାତ୍ର।

ଶଙ୍କରାଖୋଲ,୨୩।୯ (ଡି.ଏନ୍.ଏ)

ଚକାପାଦ ବ୍ଲକ ବ୍ରାହ୍ମଣପାଦ ମଧ ଇଂଲିଶ ବିଦ୍ୟାଳୟରେ ସୋମବାର ସାଢେ ୧୧ଟାରେ ବଜ୍ରପାତ ହେବାରୁ ଜଣେ ଛାତ୍ରୀ ଗୁରୁତର ହୋଇଥିବା ବେଳେ ୧୧ଜଣ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଅଚେତ ହୋଇଛନ୍ତି। ଗୁରୁତର ହେଲେ ଅଷ୍ଟମ ଶ୍ରେଣୀର ବୈଜୟନ୍ତୀ ସେଠୀ। ତାଙ୍କୁ ପ୍ରଥମେ ବ୍ରାହ୍ମଣପାଦ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଚେତଙ୍କୁ ଗ୍ରାମବାସୀ ଓ ଶିକ୍ଷକମାନେ ଉଦ୍ଧାର କରି ବ୍ରାହ୍ମଣପାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଘରକୁ ଛାଡ଼ି ଦିଆଯାଇଛି। ସେମାନେ ହେଲେ ଶିକ୍ଷୟିତ୍ରୀ ପ୍ରଭାତୀ ସେଠୀ, ଛାତ୍ରୀଛାତ୍ର ଅଷ୍ଟମ ଶ୍ରେଣୀର ଗଣେଶ ବେହେରା, ଅନୁଭବ ପଣ୍ଡା, ରୁଦ୍ର ପ୍ରତାପ ରାଏ, ସୁବାସ ଖୁରା, ଜଗଦିଶ ବେହେରା, ଜୟଶ୍ରୀ ଦାସ, ସପ୍ତମ ଶ୍ରେଣୀର ବିଷ୍ଣୁ ପ୍ରିୟା ମଲିକ, ଶୁଭଶ୍ରୀ ଚୌଧୁରୀ, ଷଷ୍ଠ ଶ୍ରେଣୀର ସୁବର୍ଣ୍ଣା ମଲିକ, ସବିତା ସାହୁ (ଅଷ୍ଟମ)। ଏମ୍ ପ୍ରତିନିଧି ଉମାଚରଣ ମଲିକ, ବିଜେଡି ବ୍ଲକ ସଂଯୋଜକ, ସହଦେବ ପତି, ସରପଞ୍ଚ ଚମ୍ପସିନୀ ମଲିକ ଓ ଗ୍ରାମବାସୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଚକାପାଦ ବିଇଓ ସୁରେଶ କୁମାର ଦାସ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିବା ସହ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରିଛନ୍ତି। ପ୍ରକାଶ ଯେ, ଶ୍ରେଣୀ ଗୃହରେ ଛାତ୍ରୀଛାତ୍ର ବସି ପାଠ ପଢୁଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ଏହି ଦୁର୍ଘଟଣା ଘଟିଥିବା ଛାତ୍ରୀଛାତ୍ର କହିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୩।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସମ୍ପର୍କୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଋଷିମାଳ ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ହୋଇଥିବା ସଚେତନ କାର୍ଯ୍ୟକ୍ରମରେ ଥାନା ଓଆଇସି ରଞ୍ଜିତ କୁମାର ମୁନୀ ଅଧ୍ୟକ୍ଷତାରେ କରିଥିଲେ। ଏଥିରେ ଚାଳକଙ୍କ ପାଇଁ ରହିଥିବା ବିଭିନ୍ନ ନିୟମ ସହ ନୂତନ ମୋଟରଯାନ ଆଇନ ସମ୍ପର୍କରେ କୁହାଯାଇଥିଲା। ଦୁର୍ଘଟଣା ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ସହ ହେଲମେଟ ବ୍ୟବହାର, ଚାରିଚକିଆ ଏବଂ ତାଠାରୁ ବଡ଼ ଯାନରେ ସିଟ ବେଲ୍‌ଟ ବ୍ୟବହାର ସମ୍ପର୍କରେ କୁହାଯାଇଥିଲା। ନିଶାସକ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବାକୁ କୁହାଯିବା ସହ ଏ ସମ୍ପର୍କରେ ରହିଥିବା ଆଇନ ବିଷୟରେ ସଚେତନ କରାଯାଇଥିଲା। ସେହିପରି ଟ୍ରାଫିକ ନିୟମ ସମ୍ପର୍କରେ କୁହାଯାଇଥିଲା। ପରେ ଛାତ୍ରୀଛାତ୍ର, ପୋଲିସ ଏବଂ ବିଭିନ୍ନ ସଙ୍ଗଠନ, ଅଞ୍ଚଳବାସୀଙ୍କୁନେଇ ଜନସଚେତନ କରାଯିବା ସହ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲା।

# ନୂଆ ଟ୍ରାଫିକ ନିୟମ ସଚେତନତା ରାଲି

ତୁମୁଡ଼ିବନ୍ଧ,୨୩।୯ (ଡି.ଏନ୍.ଏ)

ନୂଆ ଟ୍ରାଫିକ ନିୟମ ଉପରେ କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଥାନା ପକ୍ଷରୁ ସୋମବାର ପୂର୍ବାହ୍ନରେ ଏକ ସଚେତନତା ରାଲି କରାଯାଇଛି। ତୁମୁଡ଼ିବନ୍ଧ ନେତାଜୀ ସୁଭାସ ଚନ୍ଦ୍ର ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୂଆଁ ଟ୍ରାଫିକ ନିୟମର ପୋଷ୍ଟର ବ୍ୟାନର ଧରିବିଦ୍ୟାଳୟରୁ ସ୍ଲୋଗାନ ଦେଇ ରାଲିରେ ବାହାରିଥିଲେ। ଏହା ସହ ଛାତ୍ରୀଛାତ୍ରମାନେ ବାଟରେ ଲିଫ୍‌ଲେଟ୍ ନେଇ ବାଇକ୍ ଚାଳକଙ୍କୁ ହେଲ୍‌ମେଟ୍ ପିନ୍ଧିବା, ଗାଡ଼ି ଚାଳିବା ଅବସ୍ଥାରେ ମୋବାଇଲରେ ଫୋନରେ କଥା ନ ହେବା, ମଦ୍ୟପାନ କରି ଗାଡ଼ିନ ଚଲାଇବା ଆଦିନିୟମ କହିସଚେତନ କରିଥିଲେ। ଛାତ୍ରୀଛାତ୍ରମାନେ ଆମ୍ବେଡକର ଛକ ଦେଇ ତୁମୁଡ଼ିବନ୍ଧ ବଜାରରୁ ଥାନା ପର୍ଯ୍ୟନ୍ତ ରାଲି କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷ ଡ. ସୁନିଲ କୁମାର ପାତ୍ର, ଅଧାପିକା, ଅଧାପକ, ସମସ୍ତ ଅଣଶିକ୍ଷକ ଓ ତୁମୁଡ଼ିବନ୍ଧ ଏସ୍‌ଆଇ ଜୟନ୍ତ କୁମାର ସେଠୀ, ଏଏସ୍‌ଆଇ ଯୁଗଳ କିଶୋର ନାୟକ, ଏଏସ୍‌ଆଇ ଭକ୍ତଚରଣ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ।



ଛାତ୍ରୀଛାତ୍ରମାନେ ରାଲିରେ ଯାଉଛନ୍ତି।

# ସମସ୍ୟା ବୁଝିଲେ ବିଧାୟକ

ଦାରିଙ୍ଗବାଡ଼ି,୨୩।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ପଞ୍ଚାୟତର ଦୁର୍ଗମ ଲୁଦୁବାନ୍ଧା ଗ୍ରାମକୁ ସୋମବାର ଜି.ଉଦୟଗିରି ବିଧାୟକ ସାଲୁଗ୍ରା ପ୍ରଧାନ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିଛନ୍ତି। ଲୁଦୁବାନ୍ଧା ଠାରୁ ତଜଡ଼ବାଡ଼ି, ମେଡୁବାଡ଼ିକୁ ସବୁଦିନିଆ ପକ୍କାରାସ୍ତା ସମ୍ପ୍ରସାରଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ। ଏଥିସହ ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ କରିବାକୁ ଗ୍ରାମର ମହିଳା ଏବଂ ଅନ୍ୟମାନେ ବିଧାୟକ ପ୍ରଧାନଙ୍କୁ ନିବେଦନ କରିଥିଲେ। ଦାରିଙ୍ଗବାଡ଼ିଠାରୁ ମାତ୍ର ୨୦ କିମି ଦୂର ଲୁଦୁବାନ୍ଧ ସମେତ ତଜଡ଼ବାଡ଼ି, ମେଡୁବାଡ଼ି ଗ୍ରାମ ରହିଥିଲେ ମଧ ପ୍ରଶାସନର ଅବହେଳା ଯୋଗୁ ଗ୍ରାମର ବିକାଶ ହୋଇପାରି ନ ଥିବା ଅଞ୍ଚଳବାସୀ ବିଧାୟକଙ୍କୁ ଜଣାଇଥିଲେ। ବିଧାୟକ ପ୍ରଧାନଙ୍କ ଗସ୍ତ ସମୟରେ କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି କ୍ଷେତ୍ରୀବଳ ନାୟକ, ବିଜେଡି ବ୍ଲକ ସଭାପତି ଦିଲିପ କୁମାର ପ୍ରଧାନ, ପର୍ତ୍ତମାହା ପୂର୍ବତନ ସରପଞ୍ଚ ଜ୍ୟୋତିରାଜ ପ୍ରଧାନ, ନାଏବ ସରପଞ୍ଚ ରାମପତି ପ୍ରଧାନ, ଲିଙ୍ଗରାଜ ଦିଗାଳ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ବିଧାୟକ ସାଲୁଗା ପ୍ରଧାନ ଓ ଅନ୍ୟମାନେ।

# ଲିଙ୍ଗଗତ ସମ୍ବେଦନଶୀଳ ତାଲିମ କାର୍ଯ୍ୟକ୍ରମ

ଫୁଲବାଣୀ ଅଫିସ, ୨୩।୯

ବନ୍ଧଗଡ଼ସ୍ଥିତ ସ୍ୱାତୀ ତାଲିମ୍ କେନ୍ଦ୍ରରେ ଲିଙ୍ଗଗତ ସମ୍ବେଦନଶୀଳ ପଞ୍ଚାୟତ ବିକାଶ ଯୋଜନା ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଫିରିଙ୍ଗିଆ ବ୍ଲକ୍ ଆକାଉଣ୍ଟସ ଅଫିସର ଅନୁରାଗ ଜ୍ୟୋତି ଓ ଗ୍ରାମ ପଞ୍ଚାୟତ ଅଫିସର କୃପାସିନ୍ଧୁ ବେହେରା ଯୋଗଦେଇ ପଞ୍ଚାୟତସ୍ତରରେ ଲିଙ୍ଗଗତ ପ୍ରଭେଦକୁ ଆଖି ଆଗରେ ରଖି କିପରି ଏକ ଠିକ୍ ଯୋଜନା ପ୍ରସ୍ତୁତ କରା ଯାଇପାରିବ ତାହା ଉପରେ ଆଲୋଚନା କରିଥିଲେ। ବ୍ଲକ୍‌ର ତଳଦଣ୍ଡିକିଆ, ରତଙ୍ଗ, କୁଏରମାଣ୍ଡୁ, ଲୁଇସିଂ, ବାଲନ୍ଦାପଡ଼ା ପ୍ରଭୃତି ୫ ପଞ୍ଚାୟତରୁ ସରପଞ୍ଚ, ଆଶା, ଅଙ୍ଗନୱାଡ଼ି କର୍ମୀ, ୱାର୍ଡ ସଦସ୍ୟ, ସ୍ୱୟଂସହାୟକ ମହାସଂଘର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ପଞ୍ଚାୟତସ୍ତରରେ ପ୍ରସ୍ତୁତ ହେଉଥିବା ଯୋଜନା ସମୟରେ ସେମାନଙ୍କର ଭୂମିକା ଓ ଦାୟିତ୍ୱ ବିଷୟରେ ବୁଝିଥିଲେ। ତାଲିମଦାତା ଭାବେ ଯାଜ୍ଞସେନୀ ମିଶ୍ର ଓ ଭାଗ୍ୟଲକ୍ଷ୍ମୀ ମହାପାତ୍ର ଯୋଗଦେଇ ସହଭାଗିତା ପ୍ରଣାଳୀରେ ଲିଙ୍ଗଗତ ସମ୍ବେଦନଶୀଳତାକୁ କିପରି ବୁଝି କାର୍ଯ୍ୟ ଯୋଜନାରେ ସାମିଲ୍ କରିପାରିବେ ସେନେଇ ସମସ୍ତଙ୍କୁ ଶିକ୍ଷା ପ୍ରଦାନ କରିଥିଲେ। ସ୍ୱାତୀ ତରଫରୁ ବିଶ୍ୱରଞ୍ଜନ କର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଜଣାଇଥିବାବେଳେ ପ୍ରଭାତ କୁମାର ନାୟକ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ଏବଂ ତାଲିମଦାତା।

### ଛତ୍ରପୁର ହସ୍ପିଟାଲ ରୋଗୀ କଲ୍ୟାଣ ସମିତି ବୈଠକ

# ମୃତଦେହ ରଖିବାକୁ ନୂଆ ଫ୍ରିଜର, ଜେନେରେଟର ପ୍ରସ୍ତାବ

**ଛତ୍ରପୁର,୨୩।୯(ଡି.ଏନ.ଏ)**



ଉପଜିଲାପାଳ, ବିଧାୟକ ପ୍ରମୁଖ ଉପସ୍ଥିତ ଅଛନ୍ତି।

ଛତ୍ରପୁର ହସ୍ପିଟାଲ ରୋଗୀ କଲ୍ୟାଣ ସମିତି ବୈଠକ ସୋମବାର ସନ୍ଧ୍ୟାରେ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁର ହସ୍ପିଟାଲରେ ଚାଲିଥିବା ବିଭିନ୍ନ କୋଠା ନିର୍ମାଣ କାମ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ସମସ୍ୟା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷ ଏମ୍ ଧନଞ୍ଜୟ ରେଡ୍ଡୀ, ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ସୁପରିଟେଣ୍ଡେଣ୍ଟ ଡା. କାହ୍ନୁ ଚରଣ ପାତ୍ର, ହସ୍ପିଟାଲ ମ୍ୟାନେଜର ସନ୍ତୋଷ କୁମାର ପଣ୍ଡା, ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ, ଏନ୍ଏସି ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଲିଳନ ପ୍ରସାଦ ସାହୁ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ମଳୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ହସ୍ପିଟାଲକୁ ଏଠାରୁ ଜଣେ ଫାର୍ମାସିଷ୍ଟଙ୍କୁ ଡେପୁଟେସନରେ ପଠାଯାଇଛି। ଏଥିଲାଗି ଏଠାରେ ନିରାମୟ ଯୋଜନାରେ ଚାଲିଥିବା ଔଷଧ ବିତରଣ କେନ୍ଦ୍ରର ପରିଚାଳନାରେ ଅସୁବିଧା ହେଉଥିବା ସୁପରିଟେଣ୍ଡେଣ୍ଟ ଡା. ପାତ୍ର କହିଥିଲେ। ଏସମ୍ପର୍କରେ ସିଡିଏମ୍ଓଙ୍କୁ ଅବଗତ କରାଯାଇଛି। ମାତ୍ର କୌଣସି ପଦକ୍ଷେପ ନିଆଯାଇନି। ଡାକ୍ତର ଓ ନର୍ସ ଅଭାବରୁ କାଜୁଆଲିଟିରେ ପରିଚାଳନାରେ ମଧ୍ୟ ଘୋର ଅସୁବିଧା ହେଉଛି। ହସ୍ପିଟାଲ ପରିସରରେ ଥିବା ଓମ୍ଫେଡ୍ ବୁଥର ଅବଧି ସରିଥିବାବେଳେ ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ସର୍ତ୍ତରଖି ଏକ୍ସଟେନସନ୍ କରାଯାଇଛି। ପାର୍କିଂ, ଗାର୍ଡେନ ଓ ସୌନ୍ଦର୍ଯ୍ୟକରଣ ଉପରେ ଆଲୋଚନା ହୋଇଥିଲା। ହସ୍ପିଟାଲ ପାଇଁ ଆଉ ୨ ଜଣ ଡାକ୍ତର ଓ ୪ ଜଣ ନର୍ସ ପୋଷ୍ଟିଂ ଦେଲେ ରୋଗୀ ସେବା ଆହୁରି ଭଲ ହୋଇପାରିବ ବୋଲି ଡା. ଜେ ଏମ୍. ବେବର୍ତ୍ତା କହିଥିଲେ। କ୍ୱାର୍ଟରରେ ରହି ଛତ୍ରପୁର ହସ୍ପିଟାଲର ଜଣେ ଡାକ୍ତର ଘରୋଇ ଚିକିତ୍ସା କରୁଥିବା ବ୍ଲକ ଅଧ୍ୟକ୍ଷ ରେଡ୍ଡୀ ବୈଠକରେ କହିଥିଲେ। ଏହା ଉପରେ ପଦକ୍ଷେପ ନେବାକୁ ସେ ସୁପରିଟେଣ୍ଡେଣ୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ରାତିରେ ଆମ୍ବୁଲାନ୍ସ ଚାଳକଙ୍କ ଘରେ ରହୁଛି। ଏଥିସହ ଚାଳକ ମଧ୍ୟ ହସ୍ପିଟାଲରେ ରହୁ ନ ଥିବା ବୈଠକରେ ଆଲୋଚନା ହୋଇଥିଲା। ହସ୍ପିଟାଲରେ ମୃତଦେହ ରଖିବାକୁ ଥିବା ଫ୍ରିଜର ଖରାପ ଅଛି। ନୂଆ ଫ୍ରିଜର ୟୁଥ ମାସ ସେବା ସଂଘ ପକ୍ଷରୁ ଦିଆଯିବ ବୋଲି ସମ୍ପାଦକ ସୟଦ ମୁକ୍ତାର କହିଥିଲେ। ଏହାକୁ ସମସ୍ତେ ସ୍ୱାଗତ କରିଥିଲେ। ହସ୍ପିଟାଲର ଥିବା ଗୋଟିଏ ଜେନେରେଟର ଖରାପ ଅଛି। ନୂଆ ଜେନେଟର କିଣିବାକୁ ବୈଠକରେ ନିଷ୍ପତି ହୋଇଛି। ଏହି ବୈଠକରେ ରୋଗୀ କଲ୍ୟାଣ ସମିତିର ସଭ୍ୟ ବସନ୍ତ ମହାରଣା, ବିଜୟ କୃଷ୍ଣ ପଟ୍ଟନାୟକ, କୃପାସିନ୍ଧୁ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ୩ ବର୍ଷ ବିତିଲା, ଗୁହାଳ ନିର୍ମାଣ ଟଙ୍କା ମିଳିନି

ଛତ୍ରପୁର,୨୩।୯(ଡି.ଏନ.ଏ.)

ଛତ୍ରପୁର ବ୍ଲକ ବଡମାଧପୁର ପଞ୍ଚାୟତରେ ମୋ ଗୁହାଳ ଯୋଜନାରେ ହିତାଧିକାରୀଙ୍କୁ ୩ ବର୍ଷ ପରେ ମଧ୍ୟ ଟଙ୍କା ମିଳିନି। ଉକ୍ତ ପଞ୍ଚାୟତ ଅଧିନ ବରଙ୍ଗ ଗାଁର ଗୁହାଳ ନିର୍ମାଣ ବାବଦରେ ଟଙ୍କା ପାଇ ନ ଥିବା କେତେକ ହିତାଧିକାରୀ ସୋମବାର ଛତ୍ରପୁର ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କୁ ଭେଟି ଏନେଇ ଅଭିଯୋଗ କରିଛନ୍ତି। ଗାଁର ଅଶୋକ ଗୌଡ, ସୂର୍ଯ୍ୟ ଗୌଡ, ବିସ୍ମୁ ଗୌଡ, ମହନ୍ତର ନାହକ, ବବି ଗୌଡ ଓ ପଞ୍ଚୁ ପେଣ୍ଟେଇ ପ୍ରମୁଖ ୨୦୧ରେ ମୋ ଗୁହାଳ ଯୋଜାନରେ ସାମିଲ ହୋଇଥିଲେ। ଏ ବାବଦରେ ୩୫ ହଜାର ଟଙ୍କା ମିଳିବ ବୋଲି କୁହାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସେମାନଙ୍କୁ ଜଣେ ପିଛା କେବଳ ୧୦ ହଜାର ଟଙ୍କା ମିଳିଥିଲା। ବଳକା ୨୫ ହଜାର ଟଙ୍କା ଏପର୍ଯ୍ୟନ୍ତ ମିଳିନି। ଏହାଉପରେ ତଦନ୍ତ କରାଯିବ ବୋଲି ବିଡିଓ କହିଥିବା ଏମାନେ ସୂଚନା ଦେଇଛନ୍ତି। ତେବେ ଉକ୍ତ ଟଙ୍କା କିଏ ଆତ୍ମସାତ କରିଛି କି ନା ସେସମ୍ପର୍କରେ ତଦନ୍ତ କରିବାକୁ ଏମାନେ ମଧ୍ୟ ଦାବି କରିଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ହିଞ୍ଜିଳିକାଟୁ,୨୩।୯(ଡି.ଏନ୍.ଏ.)**

ହିଞ୍ଜିଳି ଥାନା ତହଁର ଗ୍ରାମରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ସୋମବାର ହିଞ୍ଜିଳି ପୋଲିସ ଉଦ୍ଧାର କରିଛି। ସେ ହେଲେ ଅନିତା ଗୌଡ଼ (୨୧)। ଏ ନେଇ ନଂ.୨୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଅନ୍ୟପକ୍ଷରେ ମୃତ ମହିଳାଙ୍କ ଭାଇ ଅନିତାଙ୍କୁ ଶାଶୁଘର ଲୋକେ ହତ୍ୟା କରି ଝୁଲାଇ ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି।

## ଅଟୋ ଓଲଟି ୬ ଶ୍ରମିକ ଆହତ

**ହିଞ୍ଜିଳିକାଟୁ,୨୩।୯(ଡି.ଏନ୍.ଏ.)**

ହିଞ୍ଜିଳି ଥାନା ପୋଚିଲିମା ଛକରେ ସୋମବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଏକ ଡ଼ାଲା ଅଟୋ ଓଲଟି ପଡ଼ିବାରୁ ଏଥିରେ ଥିବା ୬ ଜଣ ମହିଳା ଶ୍ରମିକ ଆହତ ହୋଇଛନ୍ତି। ସେମାନେ ହେଲେ ହିଞ୍ଜିଳି ଥାନା ପୋଚିଲିମା ଗ୍ରାମର ନର୍ମଦା ଦାସ (୧୮), ମନିଷା ଦାସ (୧୮), ବବି ଦାସ (୩୦), ମୋନାଲିସା ଦାସ (୧୮), ତମାଳ ଦାସ(୫୫) ଓ ମାମିନି ଦାସ(୧୮)। ଆହତ ମହିଳା ଶ୍ରମିକମାନେ ହିଞ୍ଜିଳିକାଟୁରୁ ଏକ ଡ଼ାଲା ଅଟୋରେ କାମ ସାରି ଘରକୁ ଫେରୁଥିଲେ। ପୋଚିଲିମା ଛକରେ ଅଟୋଟି ରାସ୍ତା ପାର୍ଶ୍ୱ ବିଲ ଭିତରକୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ମାମିନି ଓ ବବିଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।





